# ଗ୍ରାମୀଣ କୃଷି ମୌସମ ସେବା


ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧

(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)


**ପତ୍ରିକା ସଂଖ୍ୟା-୨୭/୨୪**

**ଜିଲ୍ଲା-ବାଲେଶ୍ୱର** ତା.୦୨.୦୪.୨୦୨୪

**ପାଣିପାଗ ପୂର୍ବାନୁମାନ (ତା. ୦୭.୦୪.୨୦୨୪ ପର୍ଯ୍ୟନ୍ତ )-:** ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ,ଜିଲ୍ଲାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ମୁଖ୍ୟତ ଶୁଖିଲା ପାଗ ହେବ ସହ ଶେଷ ଦିନ ଅତି ହାଲୁକା ବର୍ଷା ହେବା ସହ ଆକାଶ ସଫା ରହିବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୧୩ -୧୯ କିଲୋମିଟର ମଧ୍ୟରେ ରହିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୮-୪୧ ଓ ସର୍ବନିମ୍ନ ତାପମାତ୍ରା ୨୭-୨୮ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି ।

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 03-04-2024 | 0 | 39 | 27 | 1 | 57 | 27 | 13 | 202 |
| | 04-04-2024 | 0 | 39 | 27 | 1 | 71 | 26 | 15 | 202 |
| | 05-04-2024 | 0 | 40 | 28 | 1 | 80 | 39 | 19 | 202 |
| | 06-04-2024 | 0 | 40 | 28 | 1 | 67 | 30 | 17 | 225 |
| | 07-04-2024 | 2 | 41 | 28 | 3 | 61 | 27 | 14 | 169 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ❖ ଉତ୍ତାପ ତରଙ୍ଗର ସମ୍ଭାବନା ଥିବାରୁ କୃଷକମାନେ ନିଜ ପାଇଁ , ଫସଲ ଏବଂ ପଶୁ ମାନଙ୍କ ପାଇଁ ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ଉଚିତ୍ । ଚାଷୀମାନେ ଅଧିକ ଲାଭ ପାଇବା ପାଇଁ ଆବଶ୍ୟକତା ଅନୁସାରେ ଫସଲରେ ଜଳସେଚନ କରନ୍ତୁ। ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପାଇଁ ଏବଂ ବାଷ୍ପୀକରଣ କ୍ଷତିରୁ ଦୂରେଇ ରହିବା ପାଇଁ ମଲଚିଂ ଅଭ୍ୟାସ ଅନୁସରଣ କରାଯିବା ଉଚିତ ।<br>❖ ଯେହେତୁ ଆଗାମୀ ସପ୍ତାହରେ ତାପମାତ୍ରା ବୃଦ୍ଧି ସହିତ ଶୁଖିଲା ପାଗ ହେବାର ସମ୍ଭାବନା ରହିଛି , ତେଣୁ କୃଷକମାନେ ଜଳବନ୍ଦୀ ଅବସ୍ଥାରେ ସାର ପ୍ରୟୋଗ କରନ୍ତୁ ଏବଂ କୀଟନାଶକ ପ୍ରୟୋଗ କାର୍ଯ୍ୟ ଜାରି ରଖ ନ୍ତୁ ।ବର୍ତ୍ତମାନ ପୋକ ଏବଂ ରୋଗ ଲାଗିବାର ସମ୍ଭାବନା ଅଛି, ତେଣୁ କୃଷକମାନେ ନିୟମିତ ଭାବେ କ୍ଷେତର ତଦାରଖ କରନ୍ତୁ । | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରାଟିଆ ଧାନ | ପିଲ ଅବସ୍ଥା / କେଣ୍ଡା ବାହାରିବା ଅବସ୍ଥା | ❖ ଯଦି ଫସଲରେ କେଣ୍ଡା ବାହାରିବ ଆରମ୍ଭ ହେବାର ଦେଖାଯାଏ ଏକର ପ୍ରତି ୩୫ kg urea ଏବଂ ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ।<br>❖ ଖରାଟିଆ ଧାନରେ କିଛି ଜାଗାରେ ପତ୍ର ପୋଡା ରୋଗ ସଂକ୍ରମଣ ବୃଦ୍ଧି ପାଉଛି ଏହାକୁ ନିରାକାରଣ କରିବା ପାଇଁ ଏକର ପ୍ରତି ୨୦୦ ଗ୍ରା plantomycin ସହ ୫୦୦ ଗ୍ରା cupper oxy chloride ୨୦୦ ଲି ପାଣି ସହ ମିଶାଇ ପତ୍ର ସିଂଚନ କରନ୍ତୁ ଏବଂ ଏକର ପ୍ରତି ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ ।<br>❖ ଧାନ ଫସଲରେ ହଳଦିଆ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇଛି।ଏହାର ନିରାକରଣ ପାଇଁ ଏକର ପ୍ରତି ୪ କେଜି Rynaxypyr ୦.୪ G ଅଥବା ୮ kg Fipronil ୦.୩ G କିମ୍ବା ଫ୍ଲୁବେଣ୍ଡିଆମାଇଡ 0.7 G 5 KG/ଏକର କୁ କ୍ଷେତରେ ପାଣିବାନ୍ଧି (୨-୩ ସେଣ୍ଟିମିଟର ପାଣିରଖି) ପ୍ରୟୋଗ କରନ୍ତୁ।<br>❖ ଧାନ ମହିଷା ଏବଂ ପତ୍ରାଛାଦ ସୋଢା ରୋଗ ନିୟନ୍ତ୍ରଣ ପାଇଁ (ଟେବୁକୋନାଜୋଲ 50%+ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ 25% ଡବ୍ଲ୍ୟୁଜି)@80 ଗ୍ରାମ୍/ଏକରରେ ପ୍ରୟୋଗ କରନ୍ତୁ। |
| ମୁଗ | ଫୁଲ ଏବଂ ଫଳ ଅବସ୍ଥା | ❖ ଖରାଟିଆ ମୁଗ ଫସଲରେ ବର୍ତ୍ତମାନର ପାଣିପାଗ ପରିସ୍ଥିତି ଧୂଆଁପତ୍ର ଗୋଟି ପୋକ ଜନସଙ୍ଖ୍ୟା ବୃଦ୍ଧିର କାରଣ ହୋଇପାରେ। ପୋକ ସଂଖ୍ୟା କମ୍ କରିବା ପାଇଁ କ୍ଷେତ୍ର ବନ୍ଧ ନିକଟରେ ଅମରି/ବାଇଗବ ଗଛ ଲଗାନ୍ତୁ ଏବଂ ଲାମ୍ବଡା ସିଆହାଲୋଥ୍ରିନ 4.9CS@ 250 ମିଲି /ଏକର |

| | | |
|---|---|---|
| | | କିମ୍ବା ଇମାମେକ୍ଟିନ ବେଞ୍ଜୋଏଟ ୧୦୦ ଗ୍ରାମ/ଏକର ସିଂଚନ କରନ୍ତୁ।<br>❖ ଛୁଇଁ ବିନ୍ଧା ର  ପରିଚାଳନା ପାଇଁ ଏକର ପିଛା ଏମାମେକ୍ଟିନ୍ ବେନଜୋଏଟ୍  @ 80g କିମ୍ବା ପ୍ରୋଫେନୋଫୋସ୍ @ 400 ମିଲି  ସ୍ପ୍ରେ କରନ୍ତୁ। |
| **ସୁର୍ଯ୍ୟମୁଖୀ** | **ଫୁଲ ଅବସ୍ଥା** | ❖ ମୁଣ୍ଡ ବିନ୍ଧା ରୋଗ ନିୟନ୍ତ୍ରଣ କରିବା ପାଇଁ  ଫ୍ଲୁବେଣ୍ଡିଆମାଇଡ@60ମିଲି/ଏକର ପ୍ରୋୟଗ କରନ୍ତୁ।<br>❖ ମୂଳ ସୋଢା ଏବଂ ଝାଉଁଳା ନିୟନ୍ତ୍ରଣ କରିବାକୁ ଏକର ପିଛା (ମେଟାଲାକ୍ସିଲ୍ + ମାନକୋଜେବ୍) କିମ୍ବା (ସାଇମକ୍ସାନିଲ୍ + ମାନକୋଜେବ୍)  @ 400gm ପ୍ରୟୋଗ କରନ୍ତୁ । ସୁର୍ଯ୍ୟମୁଖୀ ଫସଲରେ ସଂକ୍ରମିତ ଉଦ୍ଭିଦଗୁଡିକୁ କ୍ଷେତରୁ ବାହାର କରନ୍ତୁ। |
| **ଆଖୁ** | **ଫୁଲ ଅବସ୍ଥା** | ଯେହେତୁ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଛି **ଆଖୁ** ଫସଲକୁ ଉପଯୁକ୍ତ ସମୟ ବ୍ୟବଧାନରେ ଜଳସେଚନ ଦିଆଯିବା ଉଚିତ୍ । ବିକଳ୍ପ ଧାଡିଗୁଡିକୁ ଜଳସେଚନ କରନ୍ତୁ ଏବଂ ଆଖୁ ଆବର୍ଜନାକୁ ମଲଚିଂ ଭାବରେ ପ୍ରୟୋଗ କରନ୍ତୁ ।ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ  Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| **ପନିପରିବା** | **ଫୁଲ ଏବଂ ଫଳ ଅବସ୍ଥା** | ❖ **ବାଇଗଣ,ଭେଣ୍ଡି** ଏବଂ **ଟମାଟ** ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର  ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. କ୍ୱିନୋଲାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>❖ **ବାଇଗଣ ଓ ଟମାଟ** ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।<br>❖ **ଟମାଟ** ଫସଲରେ  **ପାଦ ସୋଢା**  ରୋଗ ନିୟନ୍ତ୍ରଣ କରିବା ପାଇଁ  (ମେଟାଲାକ୍ସିଲ୍ + ମାନକୋଜେବ୍)@୪୦୦ଗ୍ରା /ଏକର ପ୍ରୋୟଗ କରନ୍ତୁ।<br>❖ **କଖାରୁ** ଜାତୀୟ ଫସଲରେ ଲାଲ କଖାରୁ ପୋକ ନିୟନ୍ତ୍ରଣ  କରିବା  ପାଇଁ  ଏକର ପିଛା ୨୫୦ ଗ୍ରାମ ଏସିଫେଟ୍ ଏବଂ ନିମ୍ବ ତେଲର ମିଶ୍ରଣ  ୬୦୦  ମି.ଲି. ସିଞ୍ଚନ  କରନ୍ତୁ ।  ଭୂତାଣୁ ଜନିତ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଏକର ପ୍ରତି 60 ଗ୍ରାମ୍ର ଫ୍ଲୋରିକାମିଡ୍ ସ୍ପ୍ରେ କରନ୍ତୁ । |
| **ଆମ୍ବ** | **ବଉଳ ଅବସ୍ଥା** | ❖ ଆମ୍ବ ଗଛରେ  ଫଳ  ପରିମାଣ ବୃଦ୍ଧି କରିବା ପାଇଁ ପ୍ଲାନୋଫିକ୍ସ  /  NAA@1ml/4.5l ଏବଂ ଫଳର ଆକାର ବଢ଼ାଇବା ପାଇଁ ସୋରିଷ ଆକାରର ଫଳ ପର୍ଯ୍ୟାୟରେ  KNO3 2% ସ୍ପ୍ରେ କରନ୍ତୁ। ଚାଷୀମାନେ ଏକା ସାଙ୍ଗରେ ହରମୋନ ଓ କୀଟନାଶକ ପ୍ରୟୋଗ କରିବା ଉଚିତ ନୁହେଁ। ହରମୋନ ଓ କୀଟନାଶକ ପ୍ରୟୋଗ କରିବା  ମଧ୍ୟରେ ଗୋଟିଏ ସପ୍ତାହ ବ୍ୟବଧାନ ରହିବା ଆବଶ୍ୟକ।<br>❖ ଆମ୍ବ ଡାହାଣୀ ଓ ଦହିଆ ପୋକ ଦେଖାଗଲେ  Thiamethoxam ୦.୪ ଗ୍ରା/ଲିଟର କିମ୍ବା Lambda Cyahalothrin 4.9 CS @1.25 ମିଲି /ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପଶୁପାଳନ** | | ବର୍ତ୍ତମାନର ପାଣିପାଗ କାରଣରୁ ଗୋରୁମାନଙ୍କୁ ସୁରକ୍ଷିତ ଏବଂ ଛାଇ ସ୍ଥାନରେ ରଖିବା ଉଚିତ୍ । ପଶୁମାନଙ୍କୁ ଥଣ୍ଡା, ପରିଷ୍କାର ଏବଂ ଶୁଦ୍ଧ ଜଳ ଦିଅନ୍ତୁ। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା  , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ  MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)